# Akashvani, Sambalpur

## SAMBALPURI NEWS EVENING BULLETIN

## 9 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ୫ଟା ରାଜ୍ୟର୍ ବିଧାନ୍‌ସଭା ନିର୍ବାଚନ୍‌ର ତାରିଖ୍ ଘୋଷ୍ନା କଲେ ଭାରତର ନିର୍ବାଚନ୍ ଆୟୋଗ ।

୨- ପଶ୍ଚିମ ଓଡ଼ିଶାର୍ ରାଜ୍‌ଗାଙ୍ଗ୍‌ପୁର୍ ଆର୍ ବୀରମିତ୍ରପୁର୍ ସହେତେ ରାଜ୍ୟର୍ ୫ ଟା ସହର୍ ନ ଚାଲୁ ହେଲା ସିଧାସଲଖ୍ ନଲ୍ ନୁ ପିଇବାର୍ ପାଏନ୍- ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜ୍‌ନା ।

୩- ଇ ବଛର୍ ଅର୍ଥନୀତି ନୋବେଲ୍ ପୁରସ୍କାର୍ ପାଏବେ ଆମେରିକାର୍ ପ୍ରଫେସର୍ କ୍ଲାଉଡ଼ିଆ ଗୋଲ୍ଡିନ୍ ।

ଆଉର୍

୪- ଜନମ୍‌ମାଟି ସୁଆଣ୍ଡୋ ଆର୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଲିତ୍ ହେଉଛେ ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କର୍ ଜୟନ୍ତୀ ।

## ୫ ଟା ରାଜ୍ୟ ନିର୍ବାଚନ୍ ତାରିଖ୍ ଘୋଷ୍ନା      ଆର୍ଏନ୍ୟୁ କଟକ୍

ଭାରତର ନିର୍ବାଚନ୍ ଆୟୋଗ୍ ଛତିଶ୍ଗଡ୍ , ରାଜସ୍ଥାନ୍, ମଧ୍ୟପ୍ରଦେଶ୍, ତେଲେଙ୍ଗାନା ଆର୍ ମିଜୋରାମ୍ ରାଜ୍ୟର୍ ବିଧାନ୍ସଭା ନିର୍ବାଚନ୍ର ତାରିଖ୍ ଆଏଜ୍ ଘୋଷ୍ନା କରିଛନ୍ । ପାଁଚ୍ଟା ଯାକ ରାଜ୍ୟର୍ ନିର୍ବାଚନ୍ ଆଏବା ମାସର୍ ୭ ନୁ ୩୦ ତାରିଖ୍ ଭିତ୍ରେ ହେବା ଆର୍  ଆଏବା ଡିସେମ୍ବର୍ ମାସର୍ ୩ ତାରିଖ୍ ପାଁଚ୍ହି ରାଜ୍ୟର୍ ଭୋଟ୍ଗନ୍ତି କରାଯିବା । ନୂଆଦିଲ୍ଲୀ ନ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ୍ କୁମାର୍ ସାମ୍ବାଦିକ୍ ସମ୍ମିଲନୀଥି ନିର୍ବାଚନ୍ କାର୍ଯ୍ୟସୂଚୀ ବାବ୍ଦେ ସୂଚ୍ନା ଦେଇକରି କହିଛନ୍ ଯେ, ଛତିଶ୍ଗଡ୍ ବିଧାନ୍ସଭା ନିର୍ବାଚନ୍ ଲାଗି ୨ ଟା ଖେପେ ଭୋଟ୍ ନିଆଯିବା । ନଭେମ୍ବର୍ ୭ ତାରିଖ୍ ପହେଲା ଖେପ୍ ଆର୍ ୧୭ ତାରିଖ୍ ୨ ନମ୍ବର୍ ଖେପ୍ ଭୋଟ୍ ହେବା । ମଧ୍ୟପ୍ରଦେଶ୍ ବିଧାନ୍ସଭା ନିର୍ବାଚନ୍ ଲାଗି ନଭେମ୍ବର୍ ୧୭ ତାରିଖ୍ ଆର୍ ରାଜସ୍ଥାନ୍ ବିଧାନ୍ସଭା ନିର୍ବାଚନ୍ ଲାଗି ଭୋଟ୍ ନଭେମ୍ବର୍ ୨୩ ତାରିଖ୍ ହେବା । ସେନ୍ତା ତେଲେଙ୍ଗାନାର୍ ବିଧାନ୍ସଭାର୍ ନିର୍ବାଚନ୍ ଲାଗି ନଭେମ୍ବର୍ ୩୦ ତାରିଖ୍ ଦିନ ଭୋଟ୍ ନିଆଯିବା । ଇ ପାଂଚ୍ଟା ରାଏଜେ ୬ ଶହ ଅଣାଅଶୀ ଟା ବିଧାନ୍ସଭା ଆସନ୍ ଥିବାର୍ ବେଲେ ମୋଟ୍ ୧୬ କୋଟି ମତଦାତା ଅଛନ୍ ।

ସାମ୍ବାଦିକ୍ ସମ୍ମିଲନୀରେ ମୁଖ୍ୟ ନିର୍ବାଚନ୍ କମିଶନର୍ ରାଜୀବ୍ କୁମାର୍ ଆହୁରି କହିଛନ୍ ଯେ, ୨୦୨୪ ସାଧାରଣ ନିର୍ବାଚନ୍ ଆଘୁ ଇଟା ଶେଷ୍ ବିଧାନ୍‌ସଭା ନିର୍ବାଚନ୍ ।

ହେଥିର୍‌ଲାଗି ଇ ନିର୍ବାଚନ୍ ଉପ୍‌ରେ ଖୋବ୍ ଗୁରୁତ୍ୱ ଦିଆଯାଉଛେ । ଇ ପାଁଚ୍‌ଟା ରାଏଜେ ନିର୍ବାଚନ୍‌କେ ଅବାଧ ଆଉ ନିରପେକ୍ଷ କର୍‌ବାର୍ ଲାଗି ନିର୍ବାଚନ୍ ଆୟୋଗ୍ ପ୍ରତିଶ୍ରୁତିବଦ୍ଧ ଆନ୍ । ଲୁକେ cVigil App ବେଭାର୍ କରିକରି ନିର୍ବାଚନ୍‌ଥି ଅନିୟମିତତା ବାବ୍‌ଦେ ସିଧାସଲଖ୍ ନିର୍ବାଚନ ଆୟୋଗଙ୍କୁ ଜନେଇ ପାର୍‌ବେ ଆର୍ ଫି ଅଭିଯୋଗ୍ ଉପ୍‌ରେ ଶହେ ମିନିଟ୍ ଭିତ୍‌ରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ କୁମାର୍ କହିଛନ୍ ।

ଆୟୁସ୍ମାନ୍ ଭବ ଅଭିଯାନ        ଆର୍‌ଏନ୍‌ୟୁ କଟକ୍

ଦେଶେ ବଛର୍‌କ ୯ ଲାଖ୍ ୟୁନିଟ୍ ରକ୍ତ ସଂଗ୍ରହ କରାଯାଉଥିବାର୍ ବେଲେ ଆୟୁସ୍ମାନ୍ ଭବ ଅଭିଯାନ୍‌ଥି ମାସେ ନୁ କମ୍ ସମିଆ ଭିତ୍‌ରେ ୩ ଲାଖ୍ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ କହିଛନ୍ । ହେଥିର୍‌ଲାଗି ସେ ରକ୍ତଦାତାମାନ୍‌କୁ ଧନ୍ୟବାଦ୍ ଜନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି

ଦ୍ରୌପଦୀ ମୁର୍ମୁ ଗଲାମାସର୍ ୧୩ ତାରିଖ୍ ଆୟୁସ୍ମାନ୍ ଭବ ଅଭିଯାନ୍‌ର ଶୁଭାରମ୍ଭ୍ କରିଥିଲେ । ଗାଁନୁ ସହର୍ ସବୁ ଜାଗାକେ ସ୍ୱାସ୍ଥ୍ୟସେବା ପୁହୁଁଚାବାର୍ ଲକ୍ଷ୍ୟଥି ଆୟୁସ୍ମାନ୍ ଭବ ଅଭିଯାନ୍ ହେଇଥିଲା ।

ସ୍ୱଚ୍ଛତା ଅଭିଯାନ          ଆର୍‌ଏନ୍‌ୟୁ କଟକ୍

ଅକ୍ଟୋବର୍ ୨ ତାରିଖ୍‌ନୁ ଦେଶର୍ ଭିନ୍ ଭିନ୍ ସର୍‌କାରୀ କାର୍ଯ୍ୟାଲୟ ମାନ୍‌କୁ ହେଇଥିବା ସ୍ୱଚ୍ଛତା ଅଭିଯାନ୍‌ଥି ଖୋବ୍ ସଂଖ୍ୟା ନ କର୍ମଚାରୀମାନେ ସାମିଲ୍ ହେଇଛନ୍ ବଲି କେନ୍ଦ୍ର ଜନ ଅଭିଯୋଗ୍ ପେନ୍‌ସନ୍ ଆର୍ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ କହିଛନ୍ । ଇ ସ୍ୱଚ୍ଛତା ଅଭିଯାନ୍‌ର ପହେଲା ହପ୍ତାର୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କର୍‌ବାର୍ ଅବ୍‌ସରେ ସେ କହିଛନ୍ ଯେ, ସ୍ୱଚ୍ଛତାର୍ ଲାଗି ହଜାର୍ ହଜାର୍ କର୍ମଚାରୀଙ୍କର୍ ସମର୍ପଣ୍ ଭାବ୍ ଲାଗି ସର୍‌କାରୀ କାର୍ଯ୍ୟାଲୟ ମାନ୍‌କୁ ସ୍ୱଚ୍ଛତା ଗୁଟେ ଜନ ଆନ୍ଦୋଲନ୍ ହେଇପାରିଛେ । ଇ ମାସର୍ ୩୧ ତାରିଖ୍‌ତକ୍ ସ୍ୱଚ୍ଛତା ଅଭିଯାନ୍ ଚାଲ୍‌ବା ।

ଡ୍ରିଙ୍କ ଫ୍ରମ୍ ଟ୍ୟାପ୍          ଆର୍‌ଏନ୍‌ୟୁ କଟକ୍

ସିଧାସଲଖ୍ ନଲ୍‌ନୁ ପିଇବାର୍ ପାଏନ୍ - ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜ୍‌ନା ଆଏଜ୍ ପଶ୍ଚିମ ଓଡ଼ିଶାର ରାଜ୍‌ଗାଙ୍ଗ୍‌ପୁର୍ ଆର୍ ବୀରମିତ୍ରପୁର୍ ସହେତେ ରାଇରଙ୍ଗପୁର୍, ଚମ୍ପୁଆ ଆର୍ ନିମାପଡ଼ା ସହର୍ ନ ଲୋକାର୍ପିତ୍ ହେଇଛେ । ସେନ୍ତା ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ୍ ଆର୍ ରାଉର୍‌କେଲା ସହରର୍ ୩୭ ଟା ୱାର୍ଡ୍ ସହେତେ ରାଜ୍ୟର୍ ୧୩ ଟା ସହରର୍ ଶହେ ୪୯ ଟା ୱାର୍ଡ୍ ନ ଭିଲ୍ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜ୍‌ନାଥି ୨୪ ଘଂଟିଆ ବିଶୁଦ୍ଧ ଜଲଯୋଗାଣ ସୁବିଧା ଲୋକାର୍ପିତ୍ ହେଇଛେ । ଇଥି ୧୨ ଲାଖ୍ ନୁ ଅଏତ୍‌କା ଲୋକ୍ ଉପକୃତ ହେଇଛନ୍ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ନ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଇ ପ୍ରକଳ୍ପର୍ ଲୋକାର୍ପଣ୍ କରିକରି କହିଛନ୍ ଯେ, ସମ୍‌କୁ ବିଶୁଦ୍ଧ ପିଇବାର୍ ପାଏନ୍ ଯୁଗାବାର୍‌ଟା ତାଁକର୍ ସର୍‌କାର୍‌ଙ୍କର୍ ଲକ୍ଷ୍ୟ ଆଏ ଆର୍ ବିଶୁଦ୍ଧ ପାଏନ୍ ସାଙ୍ଗେ ଲୋକ୍‌ମାନ୍‌କର୍ ସ୍ୱାସ୍ଥ୍ୟ ଆର୍ ଅର୍ଥନୀତି ଗଭୀର୍ ଭାବେ ଜୁଡ଼ି ହେଇକରି ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟ ସର୍‌କାରୀ କର୍ମଚାରୀ ପଦ୍‌ବୀ ଖାଲି ଆର୍‌ଏନ୍‌ୟୁ କଟକ୍

ରାଜ୍ୟ ସରକାରଙ୍କର ଭିନ୍ ଭିନ୍ ବିଭାଗରୁ ଇ ବଛର ଶେଷତକ୍ ପାଖାପାଖି ଲାଖେ ୩୦ ହଜାର କର୍ମଚାରୀ ପଦ୍‌ବୀ ଖାଲି ହେବା । ଇହାଛିନି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରାଜସ୍ୱ, ଗୃହ ଆଉ ପଂଚାୟତିରାଜ୍ ବିଭାଗରୁ ଅଏତ୍‌କା ସଂଖ୍ୟାରୁ ପଦ୍‌ବୀ ଖାଲି ଅଛେ । ସାଧାରଣ ପ୍ରଶାସନ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଗଲା ଜୁଲାଇ ମାସ୍‌ତକ୍ ଭିନ୍ ଭିନ୍ ବିଭାଗରୁ ଲାଖେ ୧୯ ହଜାର୍ ପଦ୍‌ବୀ ଖାଲି ପଡ଼ିଥିବାର୍ ବେଲେ ସେ ଭିତ୍‌ରୁ ୫୦ ହଜାର୍‌ନୁ ଅଏତ୍‌କା ପଦ୍‌ବୀ ପୂରଣ୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ବାକି ଖାଲି ପଦ୍‌ବୀ ମାନ୍‌କୁ ନିଯୁକ୍ତି ଲାଗି ଉଦ୍ୟମ୍ କରାଯାଉଛେ ।

ଅର୍ଥନୀତି- ନୋବେଲ୍     ଏନ୍‌ଏସ୍‌ଡି

ଯୁକ୍ତରାଷ୍ଟ୍ର ଆମେରିକାର ହାର୍ବାର୍ଡ଼ ୟୁନିଭର୍‌ସିଟିର ପ୍ରଫେସର୍ କ୍ଲାଉଡ଼ିଆ ଗୋଲ୍ଡିନ୍‌ଙ୍କୁ ଅର୍ଥନୀତି ଲାଗି ଇ ବଛ୍‌ରର୍ ନୋବେଲ୍ ପୁରସ୍କାର୍ ଦିଆଯିବା ବଲି ଆଏଜ୍ ରୟେଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ଏକାଡେମୀ ତରଫୁ ଘୋଷ୍‌ନା କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଶ୍ରମବଜାର୍‌ରୁ ମହିଳାମାନ୍‌କର୍ ଅବଦାନ୍ ବାବ୍‌ଦେ ସାମଗ୍ରୀକ ଗବେଷଣାର୍ ଲାଗି ପ୍ରଫେସର୍ ଗୋଲ୍ଡିନ୍‌ଙ୍କୁ ନୋବେଲ୍

ପୁରସ୍କାର୍ ଦିଆଯିବା । ୧୯୬୯ ମସିହାନୁ ଅର୍ଥନୀତିଥି ନୋବେଲ୍ ପୁରସ୍କାର୍ ଦିଆଯାଉଥିବାର୍ ବେଲେ ୩ ନମ୍ବର୍ ମହିଳା ଭାବେ ପ୍ରଫେସର୍ ଗୋଲ୍ଡିନ୍ ନୋବେଲ୍ ପୁରସ୍କାର୍ ପାଏବେ ।

ସ୍କୁଲ୍ - ହକିର ସଫଲତାର କାହାଣୀ ଆର୍ଏନ୍ୟୁ କଟକ୍

ରାଜ୍ୟର୍ ସବୁ ସର୍କାରୀ ଆଉ ସର୍କାରୀ ଅନୁଦାନ୍ ପାଉଥିବା ବିଦ୍ୟାଲୟମାନ୍‌କେ ଆଏଜ୍ ପ୍ରାର୍ଥନା ସଭାଥି ଛାତ୍ରଛାତ୍ରୀମାନ୍‌କୁ ଭାରତୀୟ ହକି ଦଲର୍ ସଫଲତାର୍ କଥା କୁହାଯାଇଛେ । ଚୀନ୍‌ର ହାଙ୍ଗ୍‌ଝୌ ସହର୍ ନ ହେଇଥିବା ଏସୀୟ କ୍ରୀଡ଼ାଥି ଭାରତୀୟ ପୁରୁଷ ଦଲ ସ୍ୱର୍ଣ୍ଣ ପଦକ୍ ଜିତ୍‌ବାର୍ ବାବ୍‌ଦେ ଛାତ୍ରଛାତ୍ରୀମାନ୍‌କୁ କୁହାଯାଇଥିଲା । ଭାରତୀୟ ଦଲର୍ ଇ ସଫଲତାଥି ଓଡ଼ିଶାର୍ ଖେଲାଲୀ ଅମିତ୍ ରୋହିଦାସ୍‌ଙ୍କର୍ ଅବଦାନ୍ ବାବ୍‌ଦେ ଭିଲ୍ ଛାତ୍ରଛାତ୍ରୀମାନ୍‌କୁ ସୂଚ୍‌ନା ଦିଆଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଫାଇଭ୍-ଟି ହାଇସ୍କୁଲ୍ ରୂପାନ୍ତରଣ୍ କାର୍ଯ୍ୟକ୍ରମ୍ ଜରିଆଥି ରାଜ୍ୟର୍ ସର୍କାରୀ ବିଦ୍ୟାଲୟମାନ୍‌କେ ମୋ ସ୍କୁଲ୍ ହକି କ୍ଲବ୍ କାମ୍ କରୁଛେ ।

ହେଥି ୬ କ୍ଲାସ୍‌ନୁ ଉପର୍ କ୍ଲାସ୍‌ତକ୍ ପଢୁଥିବା ଛାତ୍ରଛାତ୍ରୀମାନେ ଭାଗ୍ ନେଇକରି ହକି ଖେଲୁଛନ୍ ।

ଗୋପବନ୍ଧୁ ଦାସ-ଜନମ୍‌ଦିନ୍ ଆର୍‌ଏନ୍‌ୟୁ

ସମ୍ବଲପୁର୍/ବୌଦ୍ଧ

ଉତ୍କଳମଣି ଗୋପବନ୍ଧୁ ଦାସଙ୍କର୍ ଜନମ୍‌ଦିନ୍ ଆଏଜ୍ ସାରା ରାଏଜେ ପାଲିତ୍ ହେଉଛେ । ତାଁକର୍ ଜନ୍ମମାଟି ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଆର୍ ରାଜ୍‌ଧାନୀ ଭୁବ୍‌ନେଶ୍ୱର ସହେତେ ରାଏଜର୍ ଭିନ୍ ଭିନ୍ ଜାଗା ନ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍‌କେ କାର୍ଯ୍ୟକ୍ରମ୍‌ମାନ୍ ହେଇଛେ ।

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସଙ୍ଗେ ଲୋକ୍‌ମାନ୍‌କର୍ ସେବା ଆର୍ ଉନ୍ନତିର୍ ଲାଗି ତାଁକର୍ ଜୀବନ୍‌ବ୍ୟାପୀ ସାଧନା ସବୁଦିନ ପ୍ରେରଣାର ଉତ୍ସ ହେଇକରି ରହେବା ବଲି ସାମାଜିକ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିଛନ୍ । ସେନ୍ତା ଗୋପବନ୍ଧୁଙ୍କର୍ ତ୍ୟାଗ, ସମର୍ପଣ ଆର୍ ସେବାର ପ୍ରତୀକ ଆନ୍ ଆର୍ ତାଁକର୍ ବିଚାର ଆର୍ ଆଦର୍ଶ ସବୁଦିନ ଯୁଆନ ପିଢ଼ିକେ ଅନୁପ୍ରାଣିତ କର୍‌ବା ବଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ମତ ଦେଇଛନ୍ ।

ଭୁବ୍‌ନେଶ୍ୱର୍ ବିଧାନ୍‌ସଭା ପରିସର ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ପ୍ରମିଳା ମଲ୍ଲିକ୍, ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର୍ ଆଉ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ନିରଞ୍ଜନ୍ ପୂଜାରୀଙ୍କର୍ ସହେତେ ବରିଷ୍ଠ ବ୍ୟକ୍ତିମାନେ ପଣ୍ଡିତ ଗୋପବନ୍ଧୁ ଦାସ୍‌ଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ କରିଥିବାର୍ ବେଲେ ଉପର୍‌ବେଲା ଜୟଦେବ୍ ଭବନ୍ ନ ଗୁଟେ ଜୟନ୍ତୀ ସଭା ହେଇଥିଲା ।

ସମ୍ବଲ୍‌ପୁର୍ ନ ଲୋକ୍‌ସେବକ ମଣ୍ଡଲ୍ ତର୍‌ଫୁ ମୁଦିପଡ଼ା ଡକ୍ଟର୍ ରାଧାନାଥ ରଥ କମ୍ୟୁନିଟି ସେଂଟର୍ ନ ପଣ୍ଡିତ ଗୋପବନ୍ଧୁ ଦାସଙ୍କର୍ ଜୟନ୍ତୀ ପାଲନ୍ କରାଯାଇଥିଲା । ହେଥି ସମାଜ୍‌ର ଭିନ୍ ଭିନ୍ ବର୍ଗର୍ ବରିଷ୍ଠ ନାଗରିକ୍ ମାନେ ଯୋଗ୍ ଦେଇକରି ପଣ୍ଡିତ ଗୋପବନ୍ଧୁଙ୍କର୍ ପ୍ରତି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ବୌଦ୍ଧ ଗୋପବନ୍ଧୁ ଛକ ନ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କର୍ ସହେତେ ବରିଷ୍ଠ ନାଗରିକମାନେ ପଣ୍ଡିତ ଗୋପବନ୍ଧୁଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ କରିଥିଲେ । ପ୍ରଶାସନ୍ ତର୍‌ଫୁ ଜିଲ୍ଲା ପାଠାଗାର୍ ନ ଗୁଟେ ଜୟନ୍ତୀ ସଭା ହେଇଥିଲା ।

ଜନଶୁଣାଣି

ଶିବିର୍/ ସମ୍ବଲ୍‌ପୁର/ ଦେବ୍‌ଗଡ଼୍/ ବୌଦ୍ଧ/ ଝାର୍‌ସୁଗୁଡ଼ା/ ସୁବର୍ଣ୍ଣପୁର/ ନୂଆପଡ଼ା/ କଲାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି.ମାନ୍‌କର୍ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିର ମାନ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ନାକ୍‌ଟିଦେଉଲ୍ ବ୍ଲକ ଅଫିସ୍ ନ ହେଇଥିବା ଶିବିରଥି ଲୋକ୍‌ମାନ୍‌କର୍ ୭୭ ଟା ଆପତି ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା ।

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ଲୁକେ ଶହେ ୩୧ ଟା ଆପତି ଅଭିଯୋଗ୍ ନେଇକରି ଆସିଥିବାର୍ ବେଲେ ସେ ଭିତ୍‌ରୁ ଅଣାନବେ ଟାର ତୁର୍‌ତି ଫଏସଲା କରାଯାଇଛେ । ଇତାର୍‌ସଙ୍ଗେ ୯ ଝନ୍‌କୁ ରେଡ଼୍‌କ୍ରସ୍ ଆର୍ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠି ନୁ ୭୧ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲାର୍ ତିଲେଇବଣି ବ୍ଲକ୍ ଅଫିସ୍ ନ ହେଇଥିବା ଶିବିରଥି ୨୦ ଟା ଅଭିଯୋଗ୍‌ର ଶୁଣାଣି କରାଯାଇଥିଲା । ଲୁକେ ବିଜ୍‌ଲି ଯୋଗାଣ, ଜମି ପଟ୍ଟା ଆର୍ ପିଇବାର୍ ପାଏନ୍ ବାବ୍‌ଦେ ଦାବି କରିଥିଲେ ।

ନୂଆପଡ଼ା ଜିଲ୍ଲାର୍ କୋମ୍‌ନା ବ୍ଲକ୍ ନ ହେଇଥିବା ଶିବିରଥି ଜଗନ୍ନାଥ ଦିବ୍ୟାଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀର ସବୁ ସଭ୍ୟଙ୍କୁ ୫୦ ହଜାର୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଡୁଙ୍ଗୁରିପାଲି ବ୍ଲକ୍ ଅଫିସ୍ ନ ହେଇଥିବା ଜନଶୁଣାଣି ଶିବିରକେ ୭୭ ଟା ଅଭିଯୋଗ୍ ଆସିଥିବାର୍ ବେଳେ ସେଥୁ ୨୩ ଟାର ତୁର୍ତି ଫଏସଲା କରାଯାଇଛେ ।

ଝାର୍ସୁଗୁଡ଼ା ଜିଲ୍ଲା କୁଲାବିରା ବ୍ଲକ୍ ଅଫିସର୍ ନ ହେଇଥିବା ଶିବିରଥି ୧୧ ଟା ସାମୂହିକ୍ ସମସ୍ୟା ସହେତେ ମୋଟ୍ ୫୬ ଟା ଅଭିଯୋଗ୍ର ଶୁଣାଣି କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲାର୍ କର୍ଲାମୁଣ୍ଡା ପଂଚାୟତ୍ ସମିତି ସମ୍ମିଲନୀ ଗୃହ ନ ଜନଶୁଣାଣି ଶିବିର ହେଇଥିଲା । ହେଥି ଶହେ ୪୧ ଟା ଆପତି ଅଭିଯୋଗ୍ର ଶୁଣାଣି ସହେତେ ୨୬ ଟା ଅଭିଯୋଗ୍ର ତୁର୍ତି ଫଏସଲା କରାଯାଇଛେ ।

ସୁରଭି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ର ଗୋଡ଼ାଲ୍ ସର୍କାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଲୟ ନ କ୍ଲଷ୍ଟର୍ ସ୍ତରୀୟ ଶିଶୁ ମହୋତ୍ସବ୍ ସୁରଭି ହେଇଯାଇଛେ । ସମିତି ସଭ୍ୟା ପଙ୍କଜିନୀ ବାଗ୍ ଉଦ୍‌ଘାଟନ୍ କରିଥିବା କାର୍ଯ୍ୟକ୍ରମ୍ଥି କ୍ଲଷ୍ଟର୍ ଅଧୀନ୍ଥି ଥିବା ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ପ୍ରବନ୍ଧ, ଚିତ୍ରାଙ୍କନ , ବକ୍ତୃତା, ତର୍କ, କ୍ୱିଜ୍, ନୃତ୍ୟ, ସଂଗୀତ, ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।